# Akashvani, Sambalpur

## SAMBALPURI NEWS EVENING BULLETIN

## 30 August 2025- 7.02 pm- 7.12 pm.

*********************************************

୧- ଅନୁସୂଚିତ ଜାତି ଆଉ ଜନଜାତି ଅଧ୍ୟକ୍ଷଙ୍କର୍ ଜାତୀୟ ସମ୍ମିଳନୀର୍ ନିଷ୍କର୍ଷ ୨୦୪୭ ମସିହାତକ୍ ଗୁଟେ ସମାବେଶୀ ଗଠନ୍ ସୁନିଶ୍ଚିତ୍ କର୍‌ବା - କହେଲେ ଲୋକ୍‌ସଭା ବାଚସ୍ପତି ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ଥାନାଧିକାରୀ ଆଉ ଏଏସ୍‌ଆଇ ମାନ୍‌କୁ ଦିଆଗଲା ଅନୁସୂଚିତ ଜାତି ଆଉ ଜନଜାତି ମାମ୍‌ଲାର୍ ତଦନ୍ତ୍ କ୍ଷମତା ।

ଆଉର୍

୪- କଟକ୍ ଶିଶୁ ଭବନ୍‌ର ଶଯ୍ୟା ସଂଖ୍ୟା ଆଉ ୪ ଶହ ୨୪ ଟା ବଢ଼ାଲେ ରାଜ୍ୟ ସରକାର୍ ।

## ଅନୁସୂଚିତ୍ ଜାତି ଆଉ ଜନଜାତି-ଜାତୀୟ ସମ୍ମିଳନୀ

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଅନୁସୂଚିତ ଜାତି- ଜନଜାତି ଅଧ୍ୟକ୍ଷ ମାନ୍‌କର୍ ଜାତୀୟ ସମ୍ମିଳନୀ -୨୦୨୫, ଅନୁସୂଚିତ ଜାତି ଆଉ ଜନଜାତି ମାନ୍‌କର୍ କଲ୍ୟାଣ୍ ଲାଗି ଏନ୍ତା ଗୁଟେ ରଣନୀତି ତିଆର୍ କର୍‌ବା, ଯେନ୍‌ଟାକି ୨୦୪୭ ମସିହାତକ୍ ଗୁଟେ ସମତାପୂର୍ଣ୍ଣ, ନ୍ୟାୟପୂର୍ଣ୍ଣ ସମାବେଶୀ ସମାଜ୍ ଗଠନ୍ ସୁନିଶ୍ଚିତ୍ କର୍‌ବା ବଲି ଲୋକସେବା ବାଚସ୍ପତି ଓମ୍ ବିର୍ଲା କହିଛନ୍ । ଭୁବ୍‌ନେଶ୍ୱର୍ ନ ଚାଲିଥିବା ୨ ଦିନିଆ ସମ୍ମିଳନୀର୍ ଉଦ୍‌ଯାପନୀ ସମାବେଶ୍‌ଥି ଉଦ୍‌ବୋଧନ୍ ଦେଇକରି ଶ୍ରୀ ବିର୍ଲା କହିଛନ୍, ଅନୁସୂଚିତ ଜାତି ଆଉ ଜନଜାତିଙ୍କର୍ କଲ୍ୟାଣ୍ କ୍ଷେତ୍ରଥି କେନ୍ଦ୍ର ଆଉ ରାଜ୍ୟ କମିଟିର୍ ସଦସ୍ୟ ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ । ସମ୍‌କର୍ ବିଚାର୍ ଆଉ ପରାମର୍ଶକେ ନେଇକରି ଏଜେଣ୍ଡା-୨୦୨୫ ତିଆର୍ କରାଯାଇଛେ ବଲି ଶ୍ରୀ ବିର୍ଲା କହିଛନ୍ ।

(ଭଏସ୍ ଓଭର୍- ଓମ୍ ବିର୍ଲା)

ସମାବେଶ୍‌ଥି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ୍ ସିଂ ଯୋଗ୍ ଦେଇକରି କହିଛନ୍, ୩୧ ଝନ୍ ପ୍ରତିନିଧି ୩୨ ଟା ଜରୁରୀ ପରାମର୍ଶ ଦେଇଛନ୍ । ସେଥିର୍‌ଭିତ୍‌ରେ ଶିକ୍ଷା, ଉଚ୍ଚଶିକ୍ଷା

ଆଉ ଅନୁସୂଚିତ୍ ଜାତି ଆଉ ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ଲାଗି ବୃତିକେ ଜୋର୍ ଦିଆଯାଇଛେ ।

ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି ଅନୁସୂଚିତ୍ ଜାତି ଆଉ ଜନଜାତି ସମ୍ପ୍ରଦାୟର୍ ଲୁକେ ଭାରତ୍‌ର ଇତିହାସ୍, ଐତିହ୍ୟ ଆଉ ସଂସ୍କୃତିକେ ଗୁରୁତ୍ୱ ଦେଇ ଆସୁଛନ୍ ବଲି କହିଛନ୍ ।

ସମାବେଶ୍‌ଥି ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍,

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଜିଡ଼ିପି ବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲପୁର/ଏନ୍‌ଏସ୍‌ଡି

୨୦୨୫-୨୬ ଆର୍ଥିକ୍ ବଛରର୍ ପହେଲା ୩ ମାସ୍‌ଥି ଭାରତ୍‌ର ମୋଟ୍ ଘରୋଇ ଉତ୍ପାଦ୍ - ଜିଡ଼ିପି ୭ ଦଶ୍‌ମିକ୍ ୮ ପ୍ରତିଶତ୍ ହାର୍‌ଥି ଅଭିବୃଦ୍ଧି ପାଇଛେ ବଲି ଜାତୀୟ ପରିସଂଖ୍ୟାନ୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଟା ଗଲା ୧୫ ମାସ୍ ଥି ସବୁନୁ ଉଚ୍ଚାସ୍ତର୍‌କେ ପୁହୁଁଚିଛେ । ବିଶେଷଜ୍ଞମାନ୍‌କର୍ ଆକଲନ୍ ଠାନୁ ଭିଲ୍ ଇଟା ଅଏତ୍‌କା ଆଏ ବଲି ପରିସଂଖ୍ୟାନ୍ କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ । ଆଘୋନୁ ୨୦୨୪-୨୦୨୫ ଶେଷ୍ ୩ ମାସ୍‌ଥି ଜିଡ଼ିପି ୭ ଦଶ୍‌ମିକ୍ ୪ ପ୍ରତିଶତ୍ ଥିଲା ଆଉ ଗଲାବଛର୍ ସମାନ୍ ୩ ମାସ୍‌ଥି ୬ ଦଶ୍‌ମିକ୍ ୪ ପ୍ରତିଶତ୍ ଥିଲା । ଜିଡ଼ିପିର୍ ଇ ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର୍ ମଜ୍‌ବୁତ୍ ଦିଗ୍‌କେ ଦର୍ଶଉଛେ । ଇ ବାବ୍‌ଦେ ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍

ବିଶ୍ୱବିଦ୍ୟାଳୟର୍ ସବ୍‌ରେଜିଷ୍ଟ୍ରାର୍ ଆର୍ ଅର୍ଥନୀତି ବିଭାଗ୍ ପ୍ରାଧ୍ୟାପକ୍ ଉମାଚରଣ୍ ପତି କହିଛନ୍...

(ଭଏସ୍ ଓଭର୍- ଉମାଚରଣ୍ ପତି)

ସ୍ୱାୟତ ଶାସନ୍ ଦିବସ I&PR

ଭୁବନେଶ୍ୱର୍ ରେଲ୍‌ୱେ ଅଡ଼ିଟୋରିୟମ୍ ଠାନେ ଆଏବା କାଏଲ୍ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ୍ ସମାରୋହ ଆୟୋଜନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ ।

ପୁଲିସ୍ ଅଧିକାରୀ-କ୍ଷମତା ବୃଦ୍ଧି ହି.ସ.

ରାଜ୍ୟ ସର୍‌କାର୍ ପୁଲିସ୍ ଇନ୍ସପେକ୍ଟର୍ ଆଉ ଏଏସ୍ଆଇ ମାନ୍‌କର୍ କ୍ଷମତା ପରିସର୍‌କେ ବଢ଼େଇଛନ୍ । ଏତ୍‌କର ଇନ୍ସପେକ୍ଟର୍ ଆଉ ଏଏସ୍ଆଇ ମାନେ ଭିଲ୍ ଅନୁସୂଚିତ ଜାତି ଆଉ ଜନଜାତି ମାମ୍‌ଲା ମାନ୍‌କର୍ ତଦନ୍ତ କରିପାର୍‌ବେ ବଲି ଗୃହ ବିଭାଗ୍ ତର୍‌ଫୁ ସଂଶୋଧିତ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଅଧିକାରୀମାନେ ଅଭିଯୁକ୍ତମାନ୍‌କୁ ଗିରଫ୍ ଆଉ

ସ୍ୱତନ୍ତ୍ର ଅଦାଲତ୍ ନ ମାମ୍ଲା ଭିଲ୍ କରିପାର୍ବେ । ଆଘୋନୁ ଡିଏସ୍‌ପି ପାହ୍ୟାର୍ ଅଧିକାରୀମାନ୍‌କୁ ଇ କ୍ଷମତା ମିଲୁଥିଲା ।

ପୁଲିସ୍ ସବ୍ ଇନ୍ସପେକ୍ଟର୍ ପରୀକ୍ଷା          ପ୍ରେସ୍ ରିଲିଜ୍

ଅକ୍ଟୋବର୍ ୪ ଆଉ ୫ ତାରିଖ୍ ପୁଲିସ୍ ସବ୍ ଇନ୍ସପେକ୍ଟର୍ ପରୀକ୍ଷା କର୍‌ବାର୍‌କେ ଆଏଜ୍ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ତର୍‌ଫୁ ବିଜ୍ଞପ୍ତି ବାହାର୍ କରାଯାଇଛେ । ବିଜ୍ଞପ୍ତି ଅନ୍‌ସାରେ ଓଏମ୍‌ଆର୍ ସିଟ୍ ଜରିଏ ଲିଖିତ୍ ପରୀକ୍ଷା ହେବା । ଏସ୍.ଆଇ. ରେଙ୍କ୍‌ର ସବୁ ସିପିଏସ୍‌ଇ -୨୦୨୪ ପରୀକ୍ଷା କରାଯିବା । ଆଶାୟୀମାନେ ଆଏବା ମାସର୍ ୨୦ ତାରିଖ୍‌ନୁ odishapolice.gov.in ଥି ଏଡ୍‌ମିଟ୍‌କାର୍ଡ୍ ଡାଉନ୍‌ଲୋଡ୍ କରିପାର୍ବେ ।

ଶିଶୁଭବନ୍‌ର ଶଯ୍ୟା ସଂଖ୍ୟା ବୃଦ୍ଧି    ପ୍ରେସ୍ ରିଲିଜ୍

କଟକ୍ ଶିଶୁଭବନ୍‌ର ଶଯ୍ୟା ସଂଖ୍ୟା ୪ ଶହ ୨୪ ଟା ବଢ଼ାବାର୍ ଲାଗି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଅନୁମୋଦନ୍ କରିଛନ୍ । ଇତାର୍ ସହେତେ ଶିଶୁ ଭବନ୍‌ର ଶଯ୍ୟା ସଂଖ୍ୟା ୮ ଶହ ୪୬ ହେବା । ସେନ୍ତା ଶିଶୁ

ଭବନ୍‌ର ଭିନ୍ ଭିନ୍ ବର୍ଗଥି ୫୯ ଟା ନୂଆଁ ମେଡ଼ିକାଲ୍ ଫେକଲ୍‌ଟି ଆଉ ଡାକ୍ତର୍ ପଦ୍‌ବୀକେ ଅନୁମୋଦନ୍ କରାଯାଇଛେ । ଇଥି ୫ ଟା ପ୍ରଫେସର୍, ୧୦ ଟା ଏସୋସିଏଟ୍ ପ୍ରଫେସର୍ , ୧୮ ଟା ଏସିଷ୍ଟାଂଟ୍ ପ୍ରଫେସର୍, ୨୪ ଟା ବରିଷ୍ଠ ଆବାସିକ ଡାକ୍ତର୍ ଆଉ ୨ଟା ମେଡ଼ିକାଲ୍ ଅଧିକାରୀ ପଦ୍‌ବୀ ରହିଛେ । ରାଜ୍ୟ ଆଉ ରାଜ୍ୟ ବାହାରର୍ ଛୁଆମାନ୍‌କୁ ଉନ୍ନତ୍ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଦିଗେଇ ପଦକ୍ଷେପ୍ ବହୁତ୍ ସାହାଜ୍ କର୍‌ବା ବଲି ଆଶା କରାଯାଉଛେ ।

ଶ୍ରୀମନ୍ଦିର୍- ବିଜ୍ଞାପନ୍ ପୁରୀ ସମ୍ବାଦଦାତା

ଶ୍ରୀଜଗନ୍ନାଥଙ୍କର୍ ପୂଜା ସେବା ନାଁଥି ତିଆର୍ ହେଇଥିବା ଗୁଟେ ଅନ୍‌ଲାଇନ୍ ଆପ୍‌ଥି ପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ପୂଜାକେ ନେଇକରି ବିଜ୍ଞାପନ୍ ବାହାରିଛେ । ବିଜ୍ଞାପନ୍‌ଥି ୪ ରକ୍‌ମର୍ ପୂଜା ଲାଗି ଅଲ୍‌ଗା ଅଲ୍‌ଗା ଦାମ୍ ଧାରିଜ୍ କରାଯାଇଛେ । ଇ ଅନ୍‌ଲାଇନ୍ ପୂଜା ବିଜ୍ଞାପନ୍‌କେ ନେଇକରି ଭିନ୍ ଭିନ୍ ମହଲ୍‌ନୁ ଅସନ୍ତୋଷ୍ ଦେଖାଦେଇଛେ । ମାହାପୁରୁ ପୂଜାକେ ନେଇକରି ଶ୍ରଦ୍ଧାଳୁମାନେ ବାର୍ ବାର୍ ଅନ୍‌ଲାଇନ୍ ଠକେଇର୍ ଶିକାର୍ ହେଉଥିବାର୍‌ନୁ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଏନ୍ତା

ସଂସ୍ଥାମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ସେବାୟତ୍‌ମାନ୍‌କର୍ ତର୍‌ଫୁ ଦାବି ହେଇଛେ । ଘଟ୍‌ନା ଜନାପଡ଼୍‌ବାର୍ ଉତ୍‌ରୁ ପୁରୀ ଆରକ୍ଷୀ ଅଧୀକ୍ଷକ୍ ପ୍ରତୀପ୍ ସିଂ କହିଛନ୍, ସାଇବର୍ ବିଶେଷଜ୍ଞମାନ୍‌କର୍ ଜରିଏ ଘଟ୍‌ନାର୍ ତଦନ୍ତ କରାଯାଇକରି ଦୋଷୀମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଏନ୍ତା ସଂସ୍ଥାମାନ୍‌କର୍ କଥାଥି ନାଇଁ ପଡ଼୍‌ବାର୍‌କେ ଶ୍ରୀ ସିଂ ଲୁକ୍‌କୁ ଅନୁରୋଧ୍ କରିଛନ୍ ।

ଗୋଟିପୁଅ ନୃତ୍ୟ ମହୋତ୍ସବ ହି.ସ.

ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆଉ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ଆଉ ଲୋକକଳା ସଂଘ ମିଲିତ୍ ସହଯୋଗ୍‌ଥି ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ୍ ମୁଲ୍ ହେଇଛେ । ମହୋତ୍ସବ ଆଏବା ୧ ତାରିଖ୍‌ତକ୍ ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର୍ ନ ଥିବା ଉତ୍କଳ ରଙ୍ଗମଂଚ ଠାନେ ହେବା । ଇଥି ୨୦ ଟା ଦଲ୍ ଭାଗ୍ ନେଇଛନ୍ । ନୃତ୍ୟଶିଳ୍ପୀମାନ୍‌କର୍ ଗୋଟିପୁଅ ନାଚ୍ ପରିବେଷଣ୍ ସହେତେ ଗୀତ, ବାଦ୍ୟ, ବିକାଶ,

ମୌଳିକତା ଆର୍ ବେଶପୋଷାକ ଶୀର୍ଷକ ଆଲୋଚନାଚକ୍ର ଭିଲ୍ ହେବା ।

ଭିତର କନିକା ପକ୍ଷୀ ଗନ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିତରକନିକା ଜାତୀୟ ଉଦ୍ୟାନ୍ ନ ଆଏଜ୍‌ଠାନୁ ଦେଶୀ ଚଢ଼େଇ ଗନ୍ତି ମୁଲ୍ ହେଇଛେ । ସଖାଲର୍ ୬ ବଜେନୁ ଦିନର୍ ୧୨ ବଜେତକ୍ ଜାତୀୟ ଉଦ୍ୟାନ୍‌ର ମଠ ଆଡ଼ିଆ ଆଉ ଉଦ୍ୟାନ୍ ବାହାରେ ବ୍ରାହ୍ମଣୀ ନଏଦ୍ ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଆଉ ବାଲିଡିଆଠାନେ ଚଢ଼େଇ ଗନ୍ତି କରାଯାଇଛେ । ଗନ୍ତି ଥି ୩ଟା ଦଲ୍ ସାମିଲ୍ ହେଇଥିବା ରାଜନଗର ବନଖଣ୍ଡ ଅଧିକାରୀ କହିଛନ୍ । ପକ୍ଷୀଗନ୍ତି ଲାଗି ଆଏବା ସୋମବାର ଦିନ୍ ତକ୍ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକମାନ୍‌କର ଲାଗି ବନ୍ଦ ରହେବା ।

ବେଳାଭୂମି ଦିବସ ଆର୍‌ଏନ୍‌ୟୁ/ କଟକ୍

ସମୁଦ୍ର ଖଁଡ଼ିର୍ ସୌନ୍ଦର୍ଯ୍ୟକେ ଉପଭୋଗ୍ କର୍‌ବାର୍ ଆଉ ସମୁଦ୍ରଖଁଡ଼ିକେ ସଫାସୁତ୍‌ରା ରଖ୍‌ବାର୍ ଦିଗେ ସଚେତନ୍ କର୍‌ବାର୍‌କେ ଆଏଜ୍ ବେଳାଭୂମି ଦିବସ୍ ପାଳନ୍

କରାଯାଉଛେ । ସମୁଦ୍ର ଖଁଡ଼ିକେ ସଫେଇ, ସଂରକ୍ଷଣ୍ ଆଉ ସାମୁଦ୍ରିକ ଜୀବଜନ୍ତୁଙ୍କର୍ ସୁରକ୍ଷା ଲାଗି କାମ୍ କରୁଥିବା ସ୍ୱେଚ୍ଛାସେବୀମାନ୍‌କୁ ତହଁକାବାର୍ ଲକ୍ଷ୍ୟଥି ୨୦୧୪ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ ।

ଲଘୁ ଉଦ୍ୟୋଗ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶେ ଛୋଟ୍ ବ୍ୟବସାୟକେ ଜୋର୍ ଦେବାର୍ ସହେତେ ଦେଶ୍‌କେ ଆଗ୍‌କେ ବଢ଼ାବାର୍ ଲାଗି କ୍ଷୁଦ୍ର ବ୍ୟବସାୟର ଭୂମିକା ନେଇକରି ଫି ବଛର୍ ଆଝିର୍ ଦିନ୍‌କେ ଲଘୁ ଉଦ୍ୟୋଗ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । କ୍ଷୁଦ୍ର ବ୍ୟବସାୟ ଭାରତୀୟ ଅର୍ଥନୀତିଥି ଗୁଟେ ବଡ଼ ଅଭିବୃଦ୍ଧି ସୂଚକ ଆଏ ।

ପଥ ଉତ୍ସବ୍ ସମ୍ବଲପୁର ସମ୍ବାଦଦାତା

ସ୍ୱାୟତ ଶାସନ୍ ଦିବସ୍ ଆଘୋନୁ ଆଏଜ୍ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ତର୍‌ଫୁ ମହାନଦୀ ରିଭର୍‌ଫ୍ରଣ୍ଟ୍ ଠାନେ ପଥ ଉତ୍ସବ୍ ଆୟୋଜନ୍ କରାଯାଇଥିଲା । ସଖାଲର୍ ୬ ବଜେନୁ ମୁଲ୍ ହେଇଥିବା ଇ ପଥ ଉତ୍ସବ୍‌ଥି ଯୋଗ, ଜୁମ୍ବା ଡେନ୍ସ, ସ୍ୱାସ୍ଥ୍ୟ

ପରୀକ୍ଷା, ଚିତ୍ରାଙ୍କନ୍ ସହେତେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଥିଲା । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରତିଯୋଗିତା ମାନ୍ ଭିଲ୍ ହେଇଥିଲା । ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଯୋଗ୍ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ, ମହାନଗର୍ ନିଗମ୍ ଆୟୁକ୍ତ ରୋସନ୍ କ୍ଷେତ୍ରୀ ପ୍ରମୁଖ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଉତର୍ ଓଡ଼ିଶା ଉପକୂଳ ନ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା କାଏଲ୍‌ଠାନୁ ସେପ୍ଟେମ୍ବର୍ ୩ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗି ଜାଗା ନ ଜବର୍ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଚଡ଼କ୍ ମାର୍‌ବାର୍ ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।